# ଶୌଚାଳୟ ନିର୍ମାଣ ସରିଲା, ତାଲା ଖୋଲିବ କେବେ?




**୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭଦ୍ରକ ଜିଲ୍ଲାର ଆରଡିଧାମର । ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଅଗଣିତ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଥାନ୍ତି । ସେମାନେ ପୀଠରେ ଯେପରି ସମସ୍ତ ପ୍ରକାର ସୁବିଧା ପାଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ କୋଟିକୋଟି ଟଙ୍କା ବ୍ୟୟରେ ନାନା ପ୍ରକଳ୍ପ କରାଯାଇଛି । ହେଲେ ପ୍ରଶାସନର ଅଣଦେଖା ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଆଗନ୍ତୁକ ଉତ୍ତମ ସୁବିଧା ପାଇବା ତ ଦୂରର କଥା ସାମାନ୍ୟ ଶୌଚ ପାଇଁ ନାନା ହଇରାଣ ହରକତ ହେଉଛନ୍ତି ।

ଏବେ ପର୍ଯ୍ୟଟନ ଋତୁ ଚାଲିଥିବାରୁ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ତୀର୍ଥଯାତ୍ରୀ ବାବାମଣିଙ୍କୁ ଦର୍ଶନ ପାଇଁ ଆସୁଛନ୍ତି । ତିର୍ଥଯାତ୍ରୀ ପୀଠରେ ପହଞ୍ଚିବା ପରେ ମନ୍ଦିରଠାରୁ ୬ଶହ ମିଟର ଦୂରରେ ଥିବା ବସଷ୍ଟାଣ୍ଡରେ ସମସ୍ତ ଯାନ ରଖି ଆସିଥାନ୍ତି । ହେଲେ ଆରଡି ବସଷ୍ଟାଣ୍ଡରେ ଆଗନ୍ତୁକ ଯାତ୍ରୀମାନଙ୍କ ସୁବିଧା ନିମନ୍ତେ ଏକ ଶୌଚାଳୟ ରହିଥିଲେ ମଧ୍ୟ ତାଲା ଝୁଲୁଥିବାରୁ ତାହା ଆଗନ୍ତୁକ ଯାତ୍ରୀ ଓ ପର୍ଯ୍ୟଟକଙ୍କ ସୁବିଧାରେ ଆସି ପାରୁନାହିଁ । ଦେଢବର୍ଷ ତଳେ ଜିଲା ଜଳ ପରିମଳ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମିଳିତ ଭାବେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏକ ଶୌଚାଳୟ ନିର୍ମାଣ ହୋଇଥିଲା । ଏହି ଶୌଚାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱ କିଏ ନେବ ତାହା ନେଇ ଉଭୟ ଜଳପରିମଳ ବିଭାଗ ଓ ପଞ୍ଚାୟତିରାଜ ବିଭାଗର ଉଦାସୀନତା ଯୋଗୁ ଆଜି ଯାଏଁ ଶୌଚାଳୟ ସମ୍ମୁଖରେ ତାଲା ଝୁଲୁଛି । ଏପରିକି ତାହା ସମ୍ମୁଖରେ କୁଢକୁଢ ଅଳିଆ ସାଙ୍ଗକୁ ଆବର୍ଜନା ପାଣି ଜମି ରହିଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ସେହିପରି ମନ୍ଦିର ପାଖରେ ୪କୋଟି ବ୍ୟୟରେ ଏକ ନୂଆ ଗାଡି ପାର୍କିଂ ନିର୍ମାଣ ହୋଇଥିଲେ ମଧ୍ୟ ଅନୁରୂପ ଭାବରେ ଶୌଚାଳୟରେ ତାଲା ଝୁଲୁଥିବାରୁ ସେଠାରେ ମଧ୍ୟ ଆଗନ୍ତୁକ ଭକ୍ତ ଓ ପର୍ଯ୍ୟଟକ ଶୌଚ ପାଇଁ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏ ବାବଦରେ ଜିଲା ଜଳପରିମଳ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ସ୍ଥାନୀୟ ସରପଞ୍ଚଙ୍କୁ ଦାୟିତ୍ୱ ଦିଆଯାଇଛି । ଚାବି ମଧ୍ୟ ତାଙ୍କ ପାଖରେ ରହିଛି, ଖୋଲିବା ବାବଦରେ କଥା ହେବୁ ବୋଲି ସଫେଇ ଦେଇଥିଲେ ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର– ଚତୁର୍ଦ୍ଦଶୀ, ପୂର୍ଣ୍ଣିମା |
|---|---|
| ୪.୧୨.୨୦୨୫ | ନକ୍ଷତ୍ର– କୃତ୍ତିକା, ବୃଷଚନ୍ଦ୍ର |

| | | |
|---|---|---|
| ମେଷ | : | ଅପମାନ ଯୋଗ ରହିଛି । |
| ବୃଷ | : | ସୁଖାଦ୍ୟ ପ୍ରାପ୍ତି ହେବେ । |
| ମିଥୁନ | : | ଅଯଥା ଖର୍ଚ୍ଚାନ୍ତିରେ ପଡ଼ିବେ । |
| କର୍କଟ | : | ସୁସମାଚାର ପାଇବେ । |
| ସିଂହ | : | ଦିନଟି ସୁଖର ଦିନ ହେବ । |
| କନ୍ୟା | : | ପେଟ ଗୋଳମାଳ ରହିବ । |
| ତୁଳା | : | ଦୁର୍ଘଟଣା ଭୟ ରହିଛି । |
| ବିଛା | : | ପାରିବାରିକ ସୁଖ ପାଇବେ । |
| ଧନୁ | : | କୌଣସି କାର୍ଯ୍ୟ କରିବେ ବନ୍ଧୁଙ୍କ ସାହାଯ୍ୟ ମିଳିବ । |
| ମକର | : | ସାଙ୍ଗସାଥୀରେ ମନାନ୍ତର ହୋଇପାରେ । |
| କୁମ୍ଭ | : | ପୂର୍ବର କିଛି କଥାକୁ ମନକୁ କଷ୍ଟ ଦେବ । |
| ମୀନ | : | ଅର୍ଥଲାଭ ଯୋଗ ରହିଛି । |

# ବ୍ରାଉନସୁଗର ଓ କଫ୍ ସିରଫ ଜବତ, ୩ ଗିରଫ

**ଖୋର୍ଦ୍ଧା, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ପାଲଟିଛି ବ୍ରାଉନସୁଗାର୍ ହବ୍ । ସହର ଠାରୁ ଗାଁ ପର୍ଯ୍ୟନ୍ତ ପୋଲିସ ହେଉ କି ଅବକାରୀ ବିଭାଗ ହେଉ ପ୍ରତିଦିନ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛନ୍ତି । ନିଶା ମାଫିଆଙ୍କୁ ଗିରଫ କରାଯାଇ ଜେଲ ପଠାଯାଉଛି । ତଥାପି ଏହା ଥମିବାର ନା ଧରୁନି । ଯେତେ ଧରପଗଡ ହେଉଛି, ସେତେ ବଢୁଛି । ଆଦର୍ଶ ଥାନା ଅନ୍ତର୍ଗତ ନୂଆ ସୁନ୍ଦରାସାହି ଅଞ୍ଚଳରେ ପୋଲିସ ଟିମ୍ ଏକ ବଡ଼ଧରଣର ଚଢ଼ାଉ କରି ୬୫୦ ଗ୍ରାମ ବ୍ରାଉନସୁଗାର ଜବତ କରିଛନ୍ତି । ଯାହାର ମୂଲ୍ୟ ୬୫ଲକ୍ଷ ଟଙ୍କା ହେବ । ଏଥିସହିତ ୧୭୫ ବୋତଲ କଫ ସିରଫ, ପ୍ୟାକିଂ ଜରି ଓ ଯନ୍ତ୍ର, ଓଜନ ମେସିନ୍, ତିନୋଟି ମୋବାଇଲ୍ ଜବତ କରିଛି । ଏହି ଘଟଣାରେ ମାଆ ପୁଅଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ନୂଆ ସୁନ୍ଦରାସାହି ଅଭିଜିତ ଜେନା (୨୦) ଓ ତାଙ୍କ ମାଆ ବିଷ୍ଣୁପ୍ରିୟା ଜେନା (୪୨) ଏବଂ ଉପରସାହିର ଦେବାଶିଷ ପଟ୍ଟନାୟକ (୨୩) ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି ।

ସୂଚନାନୁସାରେ, ବିପୁଳ ପରିମାଣର ଧଳା ଜହର ଆଣି ଗୋଟେ ପରିବାର ଲୋକ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ କାରବାର କରି ଆସୁଥିଲେ । ବିଶେଷ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବା ଲାଗି ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ପୋଲିସ୍ ଟିମ୍ ଏ ସମ୍ପର୍କରେ ସୂଚନା ପାଇ ତିକ୍ଷ୍ଣ ନଜର ରଖିଥିଲେ । ଅଭିଜିତ ଓ ଦେବାଶିଷ ଉପରେ ପୁଲିସ ନଜର ରଖିଥିବାବେଳେ କାଲି ରାତିରେ ବ୍ରାଉନସୁଗର ବିକ୍ରି କରିବାକୁ ଯୋଜନା କରିଥିବା ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବାକୁ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏହି ଟିମ୍ ଓ ପୁଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ ସହ ଚଢଉ କରିଥିଲା । ଚଢଉ ବେଳେ ମା' ଓ ପୁଅକୁ ଗିରଫ କରିବା ସହ ସେମାନଙ୍କ ଠାରୁ ବ୍ରାଉନସୁଗର ଓ ଅନ୍ୟ ସାମଗ୍ରୀ ଜବତ କରିଥିଲା । ତାଙ୍କ ବୟାନ ମୁତାବକ ଦେବାଶିଷକୁ ଗିରଫ କରିଥିଲା । ଏତେ ପରିମାଣର ବ୍ରାଉନସୁଗାର କେଉଁଠୁ ଆସିଛି ସେ ସମ୍ପର୍କରେ ତଦନ୍ତ ଚାଲିଛି ବୋଲି ଡିଆଇଜି କହିଛନ୍ତି ।

ଗତ ବର୍ଷକ ମଧ୍ୟରେ ୫କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଧଳା ଜହର ଜବତ ହୋଇଛି । ଏହା ରାଜ୍ୟରେ ପ୍ରଥମ ବୋଲି ଡିଆଜି ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି । ସେହିପରି ରାଜ୍ୟରେ ଅପରେସନ୍ ଥଣ୍ଡର ନଭେମ୍ବର ୧୫ ରୁ ୩୦ ଚାଲିଥିଲା । ଏଥିରେ କେନ୍ଦ୍ରାଞ୍ଚଳର ୭ଟି ଜିଲ୍ଲା ପୁଲିସ ବେଆଇନ ଅସ୍ତ୍ରଶସ୍ତ୍ର, ବେଆଇନ ନିଶା ବେପାର, ଅପରାଧୀ, ବେଆଇନ ଗୋଚାଲାଣ, ନାକା ଚେକିଂ ପ୍ରଭୃତି କରାଯାଇଛି । ତେବେ ବ୍ରାଉନସୁଗର ଧରପଗଡରେ ଖୋର୍ଦ୍ଧା ଜିଲ୍ଲା ଦ୍ୱିତୀୟ ସ୍ଥାନରେ ରହିଛି ।

ଏହି ସମୟ ଭିତରେ ଜିଲ୍ଲାରେ ୭୨.୩ ଗ୍ରାମ ବ୍ରାଉନସୁଗର ଏବଂ ୨୮କେଜି ୬୮୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ସେହିପରି ୪ଜଣ ଅଭ୍ୟାସଗତ ଅପରାଧୀଙ୍କ ନାମରେ ମାମଲା ରୁଜୁ କରାଯାଇଛି ଏବଂ ଜଣକ ନାମରେ ଏନ୍‌ଏସ୍‌ଏରେ ରିପୋର୍ଟ ହୋଇଛି । ଏଥିସହିତ ବେଆଇନ୍ ଗୋଚାଲାଣ ରୋକିବାରେ ଖୋର୍ଦ୍ଧା ଜିଲ୍ଲା ପ୍ରଥମ ସ୍ଥାନରେ ରହିଛି । ଜିଲ୍ଲାର ୬ଟି ମାମଲାରେ ୬୦ଗୋରୁ ଏବଂ ୨୧ଟି ମଇଁଷି ଉଦ୍ଧାର ହୋଇଛନ୍ତି । ୬ଟି ଗାଡି ଜବତ ହୋଇଥିବାବେଳେ ୧୦ଜଣ ଗିରଫ ହୋଇଛନ୍ତି । ସେହିପରି ନାକା ଚେକିଂରେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୬୩, ୭୩, ୫୨୦ଟଙ୍କା ଜରିମନା ଆଦାୟ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଡିଆଇଜି କେନ୍ଦ୍ରାଞ୍ଚଳ ସତ୍ୟଜିତ ନାୟକ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା ଏହି ସମ୍ମିଳନୀରେ ସୂଚନା ଦେଇ କହିଲେ ଯେ ଖୋର୍ଦ୍ଧା ଜିଲ୍ଲାରେ ନିଶା କାରବାରକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ଡ୍ରାଇଭ୍ ଚାଲିଛି । ତାହାର ସଫଳତା ଯୋଗୁ ଏତେ ପରିମାଣର ବ୍ରାଉନ ସୁଗାର ଜବତ ହେଇଛି ।

## ମା' ତାରାତାରିଣୀ ମନ୍ଦିର ଅନ୍ଧାର

**ପୁରୁଷୋତ୍ତମପୁର : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମା' ତାରାତାରିଣୀ ମନ୍ଦିର ଅନ୍ଧକାରମୟ ହୋଇ ରହିଥିବା ବେଳେ ମୋବାଇଲ ଲାଇଟରେ ପୂଜାର୍ଚ୍ଚନା କରାଯାଉଥିବା ଭଳି ଦୃଶ୍ୟ ମଙ୍ଗଳବାର ଦେଖିବାକୁ ମିଳିଥିଲା । ମନ୍ଦିରର ବେଢ଼ା ଓ ଗର୍ଭଗୃହରେ ସନ୍ଧ୍ୟା ପରେ ଘୋର ଅନ୍ଧକାର ଲାଗି ରହୁଛି । ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ଭିଡ଼ ଲାଗୁଛି । ମାତ୍ର, ମନ୍ଦିରରେ ଆଲୋକର ବ୍ୟବସ୍ଥା ନଥିବାରୁ ସନ୍ଧ୍ୟା ଓ ରାତ୍ରି ସମୟରେ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଭକ୍ତ ନିଜ ମୋବାଇଲ ଟର୍ଚ୍ଚ ପକାଇ ମା'ଙ୍କୁ ଦର୍ଶନ କରୁଛନ୍ତି । ମନ୍ଦିରରେ ଏଭଳି ପରିସ୍ଥିତି ଉପୁଜିଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ଏଥିପ୍ରତି କୌଣସି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସାଧାରଣରେ ଦାବି ହୋଇଛି ଯେ, ମୁଖ୍ୟମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ ଓ ଗଞ୍ଜାମ ଜିଲାପାଳ ତୁରନ୍ତ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ।

# ୪ ଶିଶୁ ଶ୍ରମିକ ଉଦ୍ଧାର

**ଯାଜପୁର, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ସ୍ତରରେ ସଚେତନତା ସତ୍ତ୍ୱେ ଏବଂ ଦଣ୍ଡ ବିଧାନର ଭୟ ଥିଲେ ମଧ୍ୟ ମାଲିକମାନେ ଭୟ ନ କରି ନିଜର ସ୍ୱାର୍ଥସାଧନ ପାଇଁ ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବାକୁ ପଛଉ ନାହାନ୍ତି । ଏନଜିଓ ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା ୟୁନିଟ୍‌ରୁ ସୂଚନା ପାଇବା ପରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଦୁଇଟି ଟିମ ସହକାରୀ ଶ୍ରମ ଅଧିକାରୀ ରଚନା ସେଠି/ଦେବାଶିଷ ଜେନା ଦାନଗଦି ଏବଂ ସହକାରୀ ଶ୍ରମ ଅଧିକାରୀ ସ୍ମୃତି ରଞ୍ଜନ ପଣ୍ଡା କୋରେଇରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଚାଇଲ୍ଡ



ଲାଇନ ସଦସ୍ୟ ଏବଂ ସ୍ଥାନୀୟ ପୋଲିସ ସହାୟତାରେ ରେଡ୍ କରି ଉଭୟ ସ୍ଥାନରୁ ଚାରୋଟି ଶିଶୁ ଶ୍ରମିକ ଯଥା ଦାନଗଦି ବ୍ଲକ ସ୍ଥିତ ମିଲିଟାରୀ ଛକରେ ଥିବା ଚନ୍ଦନ ହୋଟେଲ ରୁ ୨ ଜଣ, ସେହିପରି କୋରେଇ ବ୍ଲକ ଷଠିପୁର ସ୍ଥିତ ଘୁଷୁରି ପାଳନ ସ୍ଥାନରୁ ୨ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତି ରେ ଉପସ୍ଥିତ କରିବା ସହିତ ଜିଲ୍ଲା ଶ୍ରମ ବିଭାଗ ତରଫରୁ ସହକାରୀ ଶ୍ରମ ଅଧିକାରୀମାନେ ସମ୍ପୃକ୍ତ ମାଲିକ ମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଖୁବ ଶୀଘ୍ର ସମ୍ପୃକ୍ତ ମାଲିକ ମାନଙ୍କ ବିରୁଦ୍ଧରେ ମାନ୍ୟବର କୋର୍ଟ ରେ କେସ କରାଯିବ ବୋଲି ଜିଲ୍ଲା ଶ୍ରମ ବିଭାଗ ତରଫରୁ ପ୍ରକାଶ ।

## ନିଆଁରେ ଜଳି ପାଚିକାଙ୍କ ମୃତ୍ୟୁ

**ଆନନ୍ଦପୁର, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ସମୟରେ ଚୁଲିରୁ ନିଆଁଲାଗି ଗୁରୁତର ପାଚିକା ତପୋଇ ପ୍ରଧାନଙ୍କ ଚିକିତ୍ସାଧିନ ଅବସ୍ଥାରେ କଟକ ବଡ ମେଡିକାଲରେ ବୁଧବାର ମୃତ୍ୟୁ ଘଟିଛି । ତପୋଇ, ଆନନ୍ଦପୁର ବ୍ଲକ ହାତୀବନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ପାଚିକା ଭାବେ କାମ କରୁଥିଲେ । ଗତ ନଭେମ୍ବର ୨୭ ତାରିଖରେ ସ୍କୁଲଠାରେ ପିଲାମାନଙ୍କପାଇଁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି କରୁଥିବା ସମୟରେ ଅସାବଧାନତା କାରଣରୁ ଚୁଲିନିଆଁରେ ପୋଡିହୋଇ ଗୁରୁତର ହୋଇଥଲେ ।

## ସ୍କୁଲ୍‌କୁ ଶିକ୍ଷକ ଆସୁନାହାନ୍ତି, ପିଲାଏ ପଢ଼ିବେ କେମିତି?

**ନିଆଳି, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ଶିକ୍ଷା ବିଭାଗ ସତେ ଯେମିତି ମୁରବି ଶୂନ୍ୟ । ଯାହାଫଳରେ ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ ମାନେ । ଏଭଳି ଘଟଣା ନିତିଦିନିଆ ହୋଇଯାଇଥିଲେ ମଧ୍ୟ ଶନିବାର ଦିନ କୃଷ୍ଣ ପ୍ରସାଦ ପଞ୍ଚାୟତ ନୂଆ ପିତାପଡା ଗ୍ରାମରେ ସରକାରୀ ଉପ ବିଦ୍ୟାଳୟରେ ଦେଖିବାକୁ ମିଳିଥିଲା ଅଭାବନୀୟ ଦୃଶ୍ୟ । ଉକ୍ତ ବିଦ୍ୟାଳୟରେ ଶନିବାର ଥିବାରୁ ୬. ୩୦ ପୂର୍ବରୁ ଶିକ୍ଷକ ଶିକ୍ଷୟିତ୍ରୀ ଆସିବା ବଦଳରେ ୮ଟାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ପହଞ୍ଚି ଗେଟ ଖୋଲିଥିଲେ । ଏହାପରେ



ଅନ୍ୟ ଶିକ୍ଷକମାନେ ଜଣେ ପରେ ଜଣେ ବିଦ୍ୟାଳୟକୁ ପ୍ରବେଶ କରିଥିଲେ । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ଚାବି ହଜି ଯାଇଥିଲା ଖୋଜିକି ଆଣିବାକୁ ବିଳମ୍ବ ହେଲା ବୋଲି କହିଥିବା ବେଳେ ଅନ୍ୟ ଶିକ୍ଷକମାନେ କେହି ବି ମୁହଁ ଖୋଲି ନଥିଲେ । ଉକ୍ତ ବିଦ୍ୟାଳୟରେ ସେହି ଗ୍ରାମର ଜଣେ ଶିକ୍ଷୟିତ୍ରୀ ରହିଥିବା ବେଳେ ସେ ମଧ୍ୟ ଦିନ ୮ ବେଳେ ବିଦ୍ୟାଳୟକୁ ଆସିଥିଲେ । ଏହି ଘଟଣାକୁ ଚାରିଦିନ ବିତିଥିଲେ ବି ବ୍ଲକ୍ ଶିକ୍ଷା ଅଧିକାରି କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଯାହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ଶିକ୍ଷା ଅଧିକାରି ଫୋନ୍ ଉଠାଉନାହାନ୍ତି ।

## ମଟରସାଇକେଲ ଧକ୍କାରେ ଯୁବକ ମୃତ

**କଳିଙ୍ଗନଗର, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଟମକା ଥାନା ଅନ୍ତର୍ଗତ ଟୋଲକାନି–ବାଙ୍ଗରକୋଟା ପୂର୍ତ୍ତ ବିଭାଗ ରାସ୍ତାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଦୁଇଟି ମଟରସାଇକେଲ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି । ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି । ଘଟଣା ଡାହାଣୀଗଡିଆ ଗ୍ରାମ ନିକଟରେ ଘଟିଛିଛ ମୃତକଙ୍କ ପରିଚୟ କେନ୍ଦୁଝର ଜିଲ୍ଲା, ଆନନ୍ଦପୁର ନିକଟ ଶୈଳଙ୍ଗ ଗ୍ରାମର ମକରଧ୍ୱଜ ସାହୁ (୫୦) ବେଳେ ଆହତ ଦୁଇଜଣଙ୍କ ପରିଚୟ ମିଳିଛି । ମକରଧ୍ୱଜ ସାହୁ ଓ ସେହି ଗ୍ରାମର ଗଣେଶ୍ୱର ଦେହୁରୀ ଏକ ମଟରସାଇକେଲ୍‌ରେ ଫୁଲଝରରୁ ନିଜ ଗାଁକୁ ଫେରୁଥିବା ସମୟରେ, ବିପରୀତ ଦିଗରୁ ନଛିପୁରା ଗ୍ରାମର ସନ୍ତୋଷ ପଲେଇ (୨୫) ଅନ୍ୟ ଏକ ମଟରସାଇକେଲ୍‌ରେ ଆସୁଥିଲେ । ଅତ୍ୟଧିକ ବେଗ ଓ ନିୟନ୍ତ୍ରଣ ହରାଇ ଯିବାରୁ ଉଭୟ ଗାଡ଼ି ମଧ୍ୟରେ ଭୟଙ୍କର ଧକ୍କା ଲାଗିଥିଲା । ଧକ୍କାର ତୀବ୍ରତା ଏତେ ଅଧିକ ଥିଲା ଯେ, ମକରଧ୍ୱଜ ସାହୁ ଙ୍କର ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଆହତ ଦୁଇଜଣଙ୍କୁ ଉଦ୍ଧାର ଘଟଣାର ସୂଚନା ପାଇ ଟମକା ପୋଲିସ ଶୀଘ୍ର ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କଲେ ୧୦୮ ଆମ୍ବୁଲାନ୍ସ ଯୋଗେ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ବର୍ତ୍ତମାନ ଆହତ ଦୁଇଜଣଙ୍କ ଚିକିତ୍ସା ଚାଲିଛି । ପୋଲିସ ଦୁର୍ଘଟଣାର କାରଣ ଓ ଦୁଇପକ୍ଷର ଦୃଷ୍ଟିତ୍ରୁଟିକୁ ନେଇ ତଦନ୍ତ ଆରମ୍ଭ କରିଛି ।

## ସରକାରୀ ଜମିରୁ ଗୃହ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଢେଙ୍କାନାଳ, ୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସର୍ବସାଧାରଣ ସରକାରୀ ଜମି ଜବରଦଖଲ କରି ଅନେକ ଗୁଡିଏ ବଡବଡ ଗଛ ଓପାଡି ନଷ୍ଟ କରିବା ସହ ସେଠାରେ ବେଆଇନ୍ ଗୃହ ନିର୍ମାଣ କରାଯିବାକୁ ନେଇ କୁଶପଦା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି ।

ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ କାଙ୍କଡପାଳ ସର୍କଲର କୁଶପଦା ପ୍ରାଥମିକ ବିଦ୍ୟାଳୟକୁ ଲାଗି ଖାତା ନଂ–୯୧, ପ୍ଲଟ୍ ନଂ–୭୫ରେ ଏକ ସରକାରୀ ଜମି ଅଛି । ଉକ୍ତ ପ୍ଲଟ୍ ଦେଇ କୁଶପଦା ଆଦିବାସୀ ସାହିକୁ ଏକ ରାସ୍ତା ଯିବା ସହ ସେଥିରେ ଅନେକ ଗୁଡିଏ ବଡ ବଡ ଗଛ ଥିଲା । ଉକ୍ତ ପ୍ଲଟ୍‌କୁ ଲାଗି ଖାତା–ନଂ–୮୧/୨, ପ୍ଲଟ୍ ନଂ–୭୫/୭୫୪, ଏ୨.୦୦ ଜମିକୁ ସରକାରଙ୍କ ବଳକା ଜମି ବଣ୍ଟନ ସୂତ୍ରେ ଗ୍ରାମର ସ୍ୱର୍ଗତ ବିଳାସ ଦେଇ, ପିତା ସ୍ୱର୍ଗତ ଚରଷ ନାଏକଙ୍କୁ ଦିଆଯାଇଥିଲା । ସ୍ୱର୍ଗତ ବିଳାସ ଦେଇ ନିଃସନ୍ତାନ ତଥା ତାଙ୍କର ସ୍ୱାମୀ, ଶାଶୁ, ଶ୍ୱଶୁର, ବାପା, ମାଆ ଓ ଭାଇମାନେ ଦୀର୍ଘ ବର୍ଷ ହେଲା ମୃତ୍ୟୁବରଣ କରିଥିବାରୁ ତାହା ପଡିଆ ପଡିଥିଲା । ତେଣୁ ଉଭୟ ଜମି ସର୍ବସାଧାରଣ ଶ୍ମଶାନ ଓ ଗାଇଗୋରୁଙ୍କ ଚରାଭୂଇଁ ଭାବେ ଆମ୍ଭେ ବ୍ୟବହାର କରିଆସୁଛନ୍ତି ।

ବଡ ଦୁଃଖର ବିଷୟ, ସେହି ଗ୍ରାମର ବସନ୍ତ ନାଏକ, ପିତା–ହୃଷି ନାଏକ, ତୀର୍ଥ ନାଏକ, ଭରତ ନାଏକ, ପିତା–ସ୍ୱର୍ଗତ ଦାସଙ୍କ ସହାୟତାରେ ବାହାର ମୌଜାର ଜନୈକ ବ୍ୟକ୍ତି ଉଭୟ ସରକାରୀ ଓ ବେସରକାରୀ ପ୍ଲଟ୍‌ରେ ଥିବା ସମସ୍ତ ବଡଗଛ ଗୁଡିକୁ ଜେସିବି ଲଗାଇ ଓପାଡି ଦେଇଛନ୍ତି ଏବଂ ଉକ୍ତ ସରକାରୀ ପ୍ଲଟ୍‌ରେ ବର୍ତ୍ତମାନ ବେଆଇନ୍ ଭାବେ ଘର କରୁଛନ୍ତି । ଉକ୍ତ କାର୍ଯ୍ୟରେ ବାହାର ମୌଜାର କିଛି ଲୋକ ତାଙ୍କୁ ସହଯୋଗ କରିବା ସହ ମଦ୍ୟପାନ କରି ହୋ–ହାଲ୍ଲା କରୁଥିବାରୁ ଭୟରେ ପ୍ରତିବାଦ କରିପାରୁନାହିଁ । ଯାହାଦ୍ୱାରା କି, ଭବିଷ୍ୟତରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ଏଣୁ ପ୍ରାର୍ଥନା କରୁକି, ଏହା ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ସହ ସରକାରୀ ପ୍ଲଟ୍‌କୁ ମୁକ୍ତ କରାଇବାକୁ ବିହୀତ ଆଦେଶ ପ୍ରଦାନ କରାଇଲେ କୁଶୁପଦା ଗ୍ରାମବାସୀ ବୃନ୍ଦ ଉପକୃତ ହେବେ । ଏହି ଦରଖାସ୍ତ ପ୍ରଦାନ ବେଳେ ବିଛନ୍ଦ ନାଏକ, ବିଚିତ୍ର ନାଏକ, ରାଜେନ୍ଦ୍ର ନାଏକ, ଅରୁଣ ନାଏକ, ବୁନୁ ନାଏକ, ପ୍ରଶାନ୍ତ ନାଏକ, ପୁନିଆ ନାଏକ, ରଞ୍ଜନ ନାଏକ, ଦୁରୁଜ ନାଏକ, ସୁରେଶ ନାଏକ, ଯଶୋବନ୍ତ ନାଏକ, ଗନ୍ଧର୍ବ ନାଏକ, ବାବୁଲି ନାଏକ, ରମେଶ ନାଏକ, ରବି ନାଏକ, କାମାକ୍ଷାନ ନାଏକ ଓ ନରେନ୍ଦ୍ର ନାଏକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

# ମଧ୍ୟାହ୍ନଭୋଜନ ଲୁଟ ଘଟଣାର ତଦନ୍ତ ଆରମ୍ଭ

**ଖଣ୍ଡପଡ଼ା, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧୀନ କିଆଝର ଉଚ୍ଚ ବିଦ୍ୟାଳୟରୁ ଗତ ନଭେମ୍ବର ୧ ତାରିଖରେ ମଧ୍ୟାହ୍ନଭୋଜନ ସାମଗ୍ରୀ ଜଣେ ଶିକ୍ଷକ ନେଉଥିବା ବେଳେ ଏହି ଘଟଣା ସ୍ଥାନୀୟ ଗ୍ରାମର ବାସିନ୍ଦା ଓ ଛାତ୍ରମାନଙ୍କ ନଜରକୁ ଆସିଥିଲା । ପରେ ଉପରୋକ୍ତ ଘଟଣା ସଂର୍ପକରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜରକୁ ଘଟଣାଟି ଆସିଥିଲା । ନୟାଗଡ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ସେହି ସମୟରେ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ଘଟଣାର ତଦନ୍ତ କରିଥିଲେ । ମାତ୍ର ତଦନ୍ତ ସମୟରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଠାରୁ ଆରମ୍ଭ କରି ସହକାରୀ ଶିକ୍ଷକମାନେ ଘଟଣା ସଂର୍ପକରେ ମୁହଁ ନ ଖୋଲି ଅଭିଯୋଗକୁ ଏଡାଇ ଯାଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି କର୍ତ୍ତୃପକ୍ଷ ମଧ୍ୟ ତଦନ୍ତରେ ସହଯୋଗ ନକରି ନୀରବଦ୍ରଷ୍ଟା ସାଜିଥିଲେ । ତେବେ ଘଟଣାର ୧ ମାସ ପରେ ନୟାଗଡ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଖଣ୍ଡପଡ଼ା ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ ଓ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀ ପ୍ରକାଶ ଚନ୍ଦ୍ର ବାରିକ ପ୍ରମୁଖ ଉକ୍ତ ବିଦ୍ୟାଳୟରେ ପହଞ୍ଚି ମଧ୍ୟାହ୍ନଭୋଜନ ହରିଲୁଟ ଘଟଣାର ଖୋଳତାଡ କରିଥିବା ଜଣାଯାଇଛିଛଘଟଣା ସଂର୍ପକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ପଚାରି ବୁଝିଥିଲେ । ସେହିପରି ବିଦ୍ୟାଳୟର ମଧ୍ୟାହ୍ନଭୋଜନ ରେଜିଷ୍ଟର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଯାଞ୍ଚ କରିବା ସହ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନୂତନ ପୋଷାକ ଓ ଛାତ୍ରୀମାନଙ୍କୁ ନାପକିନ ବଣ୍ଟନ ନ ହୋଇ ବିଦ୍ୟାଳୟ ପ୍ରକୋଷ୍ଠରେ ପଡି ରହିଥିବାରୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିରକ୍ତି ପ୍ରକାଶ କରିଥିଲେ । ଅପରାହ୍ନରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟାହ୍ନଭୋଜନ ହରିଲୁଟ ଘଟଣାର ତଦନ୍ତ କରି ଫେରି ଯାଇଥିବା ବେଳେ ଆସନ୍ତାକାଲି ବୁଧବାର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ମତାମତ ଦେବାକୁ ସଂପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

## ବୈଶିଙ୍ଗାରେ ସମସ୍ତ ଏଟିଏମ୍ ଅଚଳ

**ବୈଶିଙ୍ଗା, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟାଙ୍କରେ ଭିଡ କମାଇବା ପାଇଁ ଜମାକାରୀଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ଦେଣ ନେଣ କରିବାର ବ୍ୟବସ୍ଥା ରହିଥିଲେବି ଏଟିଏମ୍‌ର ଆବଶ୍ୟକତା ଅତି ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ସମୟରେ ମୋବାଇଲ ଆପ୍‌ର ବ୍ୟସ୍ତତା, ନେଟୱାର୍କର ଅସୁବିଧା, ନେଟ୍ ପ୍ୟାକ୍ ନା ଥିବା ଯୋଗୁଁ ଉପଭୋକ୍ତାଙ୍କୁ ହଇରାଣ ହେବାକୁ ପଡିଥାଏ । ଏହିସବୁ କାରଣରୁ ସାଧାରଣ ଲୋକେ ଏଟିଏମ୍ ଉପରେ ନିର୍ଭର କରିଥାନ୍ତି । ମାତ୍ର ଏକ ସପ୍ତାହ ଧରି ବୈଶିଙ୍ଗା ବଜାର ରେ ଥିବା ଷ୍ଟେଟ୍ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କର ଏଟିମ୍ ସମୂହ ଏକକାଳୀନ ବନ୍ଦ ରହିବା ଯୋଗୁଁ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇ ଥିବାର ଅଭିଯୋଗ ଆସିଛ । ଏଥିପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ଯୋଗା ଯୋଗ କରାଯାଇଥିବା ବେଳେ ସେ ପଟୁ ଉତ୍ତର ମିଳିଥିଲା ଯେ କାହାର ମେସିନ ଖରାପ ତ ଆଉ କାହାର ଲିଙ୍କ୍ ଫେଲ ଓ ଆଉ ଗୋଟିଏ ବ୍ୟାଙ୍କରୁ ଖବର ମିଳିଲା ଯେ ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରିବା ପାଇଁ ଯେଉଁ ସଂସ୍ଥା ଦାୟିତ୍ୱ ନେଇଛନ୍ତି ସେମାନଙ୍କର ଅବହେଳା ପାଇଁ ଟଙ୍କା ରଖା ଯାଇ ପାରି ନାହିଁ । ଏଥିପାଇଁ ଆମେ ଦୁଃଖିତ, ତୁରନ୍ତ ସମାଧାନ କରିଦିଆଯିବ । ଜନସାଧାରଣଙ୍କ ତରଫରୁ ଶୀଘ୍ର ସମାଧାନ ପାଇଁ ଦାବି ହେଉଛି ।




# ବିପଦରେ ବ୍ରାହ୍ମଣୀ: ଅପମୃତ୍ୟୁ ଅପେକ୍ଷାରେ ଅଧାଡଜନ ଚିରସ୍ରୋତା ନାଳ

**ଅନୁଗୁଳ, ୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ତାଳଚେର ଓ ଛେଣ୍ଡିପଦାରେ ପାଖାପାଖି ଡର୍ଜନେ ନୂଆ କୋଇଲା ଖଣି ଖନନ ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଏହି ଖଣିର ଆଁ ଭିତରେ ଅଧାଡଜନ ଚିରସ୍ରୋତା ନାଳ ଅକାଳ ଅପମୃତ୍ୟୁ ଅପେକ୍ଷାରେ । ଗୁରୁତର ଭାବେ ପ୍ରଭାବିତ ହେବ ବ୍ରାହ୍ମଣୀର ଶାଖା ନଦୀ । ଏଥିପାଇଁ ବର୍ଷା ଦିନେ ଫୁଲୁଥିବା ବ୍ରାହ୍ମଣୀ ନଦୀ ଅଣମୌସୁମୀ କାଳରେ ଶୁଖିଲା ପଡ଼ିବା ଥୟ । ରାଜ୍ୟର ଏହି ଦ୍ୱିତୀୟ ପ୍ରମୁଖ ନଦୀ ଜଳସ୍ତର କମି କମି ଆସୁଥିଲା ବେଳେ ଖଣି ଓ ଶିଳ୍ପ ପାଇଁ ତଳମୁଣ୍ଡରେ ପାଣି ମୁନ୍ଦାଏ ମିଳିବା କଷ୍ଟକର ହେବ । ଅନୁଗୁଳ ଜିଲ୍ଲା ରେଙ୍ଗାଳି ନିକଟରେ ବ୍ରାହ୍ମଣୀ ନଦୀରେ ଏକ ଡ୍ୟାମ୍ ନିର୍ମାଣ କରାଯାଇଛି । ବିଦ୍ୟୁତ ଉତ୍ପାଦନ ପରେ ଏଠାକାର ଜଳକୁ ତଳମୁଣ୍ଡକୁ ଛଡ଼ା ଯାଇଥାଏ । ଏଠାରୁ ହାରାହାରି ୭୦୦ରୁ ୭୧୦ କ୍ୟୁମେକ୍ସ ଜଳ ତଳମୁଣ୍ଡକୁ ଯାଉଛି । ତଳେ ଥିବା ସମଲ ବ୍ୟାରେଜରେ ଏହି ପାଣିକୁ ସଂରକ୍ଷିତ ରଖି ଜଳସେଚନ, ପାନୀୟ ଜଳ ଓ ଶିଳ୍ପାନୁଷ୍ଠାନକୁ ଯୋଗାଇ ଦିଆଯାଉଛି ।



ଏଥିପାଇଁ ବ୍ୟାରେଜ୍ର ତଳିଆ ଅଞ୍ଚଳକୁ ପାଣିଯିବା କମି ଯାଇଛି । ଠିକ୍ ଏହି ସମୟରେ ବ୍ରାହ୍ମଣୀକୁ ଭରୁଥିବା ସିଂଗଡ଼ା, ଗଉଡୁଣୀ, ଟିକିରା, ନନ୍ଦିରା, ଗମ୍ଭାରୀ ପରି ଚିରସ୍ରୋତା ନାଳର ସ୍ଥିତି ଏବେ ସଙ୍କଟରେ । କୋଇଲା ଖଣି ପାଇଁ ଏହି ନାଳଗୁଡ଼ିକ ମୃତ୍ୟୁର ଦିନ ଗଣୁଥିବାରୁ ସଙ୍କଟରେ ବ୍ରାହ୍ମଣୀ । ଛେଣ୍ଡିପଦାରେ କୋଇଲା ଖଣି ଖନନ ଆରମ୍ଭ ହେଲା ପରେ ନୟନି କୋଲ୍ ବ୍ଲକ୍‌ରେ ଗଉଡୁଣୀ, ଉଲ୍ଲାଣୀ, ସିଆରିମାଳିଆ ନାଳର ଅପମୃତ୍ୟୁ ହେବ । ସେହିପରି ଛେଣ୍ଡିପଦା ସଂଶୋଧିତ କୋଲ୍‌ବ୍ଲକ୍ ପାଇଁ କୁମ୍ଭୀରା ନାଳ ସବୁଦିନ ପାଇଁ ହଜିଯିବ ।

ମହାନଦୀ କୋଲ୍‌ବ୍ଲକ୍ ଆରମ୍ଭ ହେଲେ ଆଉଁଳି ନାଳ ପ୍ରଭାବିତ ହେବଛ କୋଲ୍ ବ୍ଲକ୍ କଡ଼ରେ ଏହି ନାଳ ଯାଇଥିବାରୁ ଏହା ଜଳସ୍ରୋତ ଶୁଖିଯିବଛ ବର୍ଷା ଦିନକୁ ଛାଡ଼ିଦେଲେ ଅନ୍ୟ ଦିନେ ପାଣି ରହିବନି । ଏପଟେ ଛେଣ୍ଡିପଦା–୨ କୋଲ୍ଲକ୍ ଭିତରେ ଧୁରୁବ୍‌ହା ନାଳ, ଥୁଣ୍ଟିମାହାଲ ନାଳ ସମାଧି ପାଇବ । ଖଣି ଭିତରେ ଏହି ଦୁଇ ନାଳ ହଜିଯିବା ନିଶ୍ଚିତ । ପୁଣି ବ୍ରାହ୍ମଣବିଲ–କରଡ଼ାବାହାଲ କୋଲ୍‌ବ୍ଲକ୍ ଭିତରେ କୁଦପଶି ଓ ଅତଣ୍ଡି ନାଳ ଯାଇଥିବାରୁ ଏହାର ଅକାଳ ମୃତ୍ୟୁ ହେବା ଥୟ । ଫୁଲଝରୀ ପୂର୍ବ–ପଶ୍ଚିମ କୋଲ୍‌ବ୍ଲକ୍ ପାଇଁ ସିଙ୍ଗଡ଼ା ନାଳ ଗୁରତର ଭାବେ ପ୍ରଭାବିତ ହେବ । ରାଧିକାପୁର କୋଲବ୍ଲକ୍ ପାଇଁ ନୂଆବନ୍ଧ ନାଳ ହଜିଯିବ । ଏହି ସବୁ ନାଳ ବ୍ରାହ୍ମଣୀକୁ ପାଣି ଯୋଗାଉଥିବାରୁ ଏମାନଙ୍କ ଅପମୃତ୍ୟୁ ବ୍ରାହ୍ମଣୀକୁ ବିପଦରେ ପକାଇବାର ଆଶଙ୍କା ଜଳଜଳ ଦିଶିଲାଣି । ଏନେଇ ଛେଣ୍ଡିପଦାର ପରିବେଶବି ପ୍ରଦୀପ ସାହୁ କହିଛନ୍ତି, କୋଇଲା ଖଣି ଆରମ୍ଭ ହେଲେ ପ୍ରାୟ ୧୨ଟି ନାଳ ଅସ୍ତିତ୍ୱ ହରାଇବେ । କିଛି ନାଳ ଖଣି ଭିତରେ ହଜିଯିବ, ଆଉ କିଛି ଶୁଖିଯିବ । ଫଳରେ ବ୍ରାହ୍ମଣୀକୁ ଜଳ ପ୍ରବାହ କମିଯିବା ସହ ତଳମୁଣ୍ଡ ଶୁଖିଲା ପଡ଼ିବଛ ପରିବେଶବିତ୍ ପ୍ରସନ୍ନ ବେହେରା କହିଛନ୍ତି, ଗୋଟିଏ ପଟେ ବ୍ରାହ୍ମଣୀକୁ ଜଳ ପ୍ରବାହ କମୁଥିଲା ବେଳେ ଏହି ନଦୀ ଅବବାହିକାରେ ଏକାଧିକ ଶିଳ୍ପାନୁଷ୍ଠାନ ଗି ଉଠିଲାଣିଛ ଏମାନେ ବ୍ରାହ୍ମଣୀ ଜଳ ଶୋଷି କେବଳ ଦୂଷିତ ପାଣି ତଳମୁଣ୍ଡକୁ ଛାଡ଼ିବେ । ଏଥିପାଇଁ ତଳମୁଣ୍ଡରେ ସାଧାରଣ ଜୀବନ ପ୍ରଭାବିତ ହେବା ସହ ହେନ୍ତାଳ ବଣକୁ ବିପଦରେ ପକାଇବାର ଆଶଙ୍କା ରହିଛି ।

